# ଅଧ୍ୟାୟ-I

# ଉପକ୍ରମ

# ଅଧ୍ୟାୟ I
# ଉପକ୍ରମ

## 1.1 ଏହି ପ୍ରତିବେଦନ ସମ୍ବନ୍ଧରେ

ଓଡିଶା ସରକାରଙ୍କ ଆର୍ଥିକ କ୍ଷେତ୍ର  ଉପରେ ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ଙ୍କ ଏହି ପ୍ରତିବେଦନ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଅନ୍ତର୍ଗତ ବୃକ୍ଷରୋପଣ କାର୍ଯ୍ୟକ୍ରମର ମୂଲ୍ୟାନୁୟନ ଏବଂ ସରକାରୀ ବିଭାଗ ଗୁଡ଼ିକର ଅନୁପାଳନ ସମୀକ୍ଷା ର ଫଳାଫଳ କୁ ନେଇ ପ୍ରସ୍ତୁତ କରାଯାଇଅଛି ।

ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ପରିଣାମ ରାଜ୍ୟ ବିଧାନ ସଭାର ଦୃଷ୍ଟିକୁ ଆଣିବା ହେଉଛି ଏହି ପ୍ରତିବେଦନର ପ୍ରାଥମିକ ଉଦ୍ଦେଶ୍ୟ । ସମୀକ୍ଷା ସିଦ୍ଧାନ୍ତ, କାର୍ଯ୍ୟ ସାଧକମାନଙ୍କୁ ସମୟୋଚିତ ସଂଶୋଧନାତ୍ମକ ପଦକ୍ଷେପ ନେବାକୁ ସମର୍ଥ କରାଇବାର ଆଶା କରାଯାଏ । ଏହା ନୀତି ଓ ମାର୍ଗଦର୍ଶିକା ପ୍ରଣୟନ କରିବାରେ ସହାୟକ ହେବ, ଯାହାକି ସଂସ୍ଥାମାନଙ୍କର ଉନ୍ନତ ପରିଚାଳନା ତଥା ଉତ୍ତମ ରାଜ୍ୟ ଶାସନ କରିବାରେ ସହାୟକ ହେବ ।

ଅନୁପାଳନ ସମୀକ୍ଷା ହେଉଛି ଉପଯୁକ୍ତ ନିୟମ, କାନୁନ, ବିନିୟମ ଏବଂ କ୍ଷମତାପନ୍ନ ଅଧିକାରୀଙ୍କ ଦ୍ୱାରା ଜାରୀ କରାଯାଇଥିବା ଅନୁଦେଶ ଗୁଡିକର ଅନୁପାଳନ ହେଉଛି ନା ନାହିଁ ସୁନିଶ୍ଚିତ କରିବା ପାଇଁ ସଂସ୍ଥାଗୁଡିକର ବ୍ୟୟ, ପ୍ରାପ୍ତି, ସମ୍ପତ୍ତି ଓ ଦାୟ ସମ୍ପର୍କିତ ନେଣଦେଣର ପରୀକ୍ଷା ।

କାର୍ଯ୍ୟ ସଂପାଦନ ସମୀକ୍ଷା ଏହା ପରୀକ୍ଷା କରିଥାଏ ଯେ କୌଣସି ଅନୁଷ୍ଠାନ, କାର୍ଯ୍ୟକ୍ରମ କିମ୍ବା ଯୋଜନା କେତେ ପରିମାଣରେ ମିତବ୍ୟୟୀ, ପ୍ରଭାବଶାଳୀ ଏବଂ କୁଶଳତା ସହିତ ସମ୍ପନ୍ନ କରାଯାଇଛି ।

ଏହି ଅଧ୍ୟାୟରେ ସମୀକ୍ଷା ହୋଇଥିବା ସଂସ୍ଥା ମାନଙ୍କର ପାର୍ଶ୍ୱଚିତ୍ର, ସମୀକ୍ଷାର ଯୋଜନା ଏବଂ ପରିସର ଏବଂ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଅବଲୋକନ ଗୁଡ଼ିକର ସାରାଂଶ ବିଷୟରେ ସଂକ୍ଷେପରେ ଉଲ୍ଲେଖ କରାଯାଇଛି । ଦ୍ୱିତୀୟ ଅଧ୍ୟାୟରେ ସମ୍ପାଦନ ସମୀକ୍ଷାର ଫଳାଫଳ ଏବଂ ତୃତୀୟ ଅଧ୍ୟାୟରେ ବିଭିନ୍ନ ବିଭାଗ ଗୁଡ଼ିକର ଅନୁପାଳନ ସମୀକ୍ଷା ବିଷୟରେ ବର୍ଣ୍ଣନା କରାଯାଇଛି ।

## 1.2 ସମୀକ୍ଷା ହୋଇଥିବା ସଂସ୍ଥାମାନଙ୍କର ପାର୍ଶ୍ୱଚିତ୍ର

ରାଜ୍ୟରେ ସଚିବାଳୟ ସ୍ତରରେ 39 ଟି ବିଭାଗ ରହିଛି ଯେଉଁଗୁଡିକ ଅତିରିକ୍ତ ମୁଖ୍ୟ ଶାସନ ସଚିବ/ ପ୍ରମୁଖ ଶାସନ ସଚିବ /କମିଶନର ତଥା ସଚିବଙ୍କ ଦ୍ୱାରା ପରିଚାଳିତ ହୁଅନ୍ତି । ନିର୍ଦ୍ଦେଶକ ଓ ଅଧସ୍ତନ ଅଧିକାରୀମାନେ ସେମାନଙ୍କୁ ସହାୟତା କରିଥାନ୍ତି । ଏହି 39 ଟି ବିଭାଗ ମଧ୍ୟରୁ 12 ଟି ବିଭାଗ ଆର୍ଥିକ କ୍ଷେତ୍ରର ସମୀକ୍ଷାରେ ଅନ୍ତର୍ଭୁକ୍ତ । ଏହି ପ୍ରତିବେଦନରେ ତିନି ଗୋଟି ବିଭାଗର ସମୀକ୍ଷା ଫଳାଫଳ ପ୍ରଦାନ କରାଯାଇଛି ।

## 1.3 ଆର୍ଥିକ କ୍ଷେତ୍ରର ପାର୍ଶ୍ୱଚିତ୍ର

ଓଡ଼ିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ପରିସରଭୁକ୍ତ ବିଭାଗ ଗୁଡ଼ିକର 2019-20 ବର୍ଷ ପାଇଁ ଅର୍ଥ ବ୍ୟୟ 25,693.84 କୋଟି ଟଙ୍କା ଥିଲା ଏବଂ ଏହା ସେହି ବର୍ଷର ମୋଟ ଅର୍ଥ ବ୍ୟୟ 1,14,491.00  କୋଟି ଟଙ୍କାର 22.44 ପ୍ରତିଶତ ଥିଲା । ଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶା ସରକାରଙ୍କ ଆର୍ଥିକ କ୍ଷେତ୍ର ଅନ୍ତର୍ଗତ ବିଭାଗ ଗୁଡ଼ିକ ଦ୍ୱାରା କରାଯାଇଥିବା ଅର୍ଥ ବ୍ୟୟର ବିବରଣୀ ନିମ୍ନରେ ଦିଆଯାଇଛି -

**ସାରଣୀ ସଂଖ୍ୟା 1: ବିଭାଗ ଗୁଡ଼ିକର ବ୍ୟୟର ବିବରଣୀ**

(ଟଙ୍କା କୋଟିରେ)

| କ୍ରମିକ ସଂଖ୍ୟା | ବିଭାଗର ନାମ | 2015-16 | 2016-17 | 2017-18 | 2018-19 | 2019-20 | ମୋଟ |
|---|---|---|---|---|---|---|---|
| 1 | ଜଳ ସମ୍ପଦ | 6,043.53 | 7,726.87 | 8,814.73 | 7,448.05 | 6,112.26 | 336,145.44 |
| 2 | ପୂର୍ତ୍ତ | 5,305.33 | 4,517.08 | 4,564.14 | 4,352.76 | 5,620.88 | 24,360.19 |
| 3 | କୃଷି ଓ କୃଷକ ସଶକ୍ତିକରଣ | 3,139.48 | 2,977.66 | 3,129.27 | 4,228.96 | 6,938.17 | 20,413.54 |
| 4 | ସମବାୟ | 8,54.61 | 1,646.25 | 878.36 | 1,433.67 | 1,565.84 | 6,378.73 |
| 5 | ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ | 579.31 | 585.12 | 615.48 | 779.52 | 822.96 | 3,382.39 |
| 6 | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା | 710.30 | 548.98 | 617.32 | 590.91 | 702.94 | 3,170.45 |
| 7 | ଶକ୍ତି | 1,544.89 | 2,288.10 | 2,306.43 | 2,146.36 | 2,431.76 | 10,717.54 |
| 8 | ମତ୍ସ୍ୟ ଓ ପଶୁ ସମ୍ପଳ ବିକାଶ | 546.27 | 549.99 | 591.47 | 737.65 | 744.61 | 3,169.99 |
| 9 | ଶିଳ୍ପ | 104.72 | 97.14 | 257.36 | 295.39 | 250.04 | 1,004.65 |
| 10 | ପର୍ଯ୍ୟଟନ | 212.36 | 209.06 | 273.00 | 191.79 | 205.26 | 1,091.47 |
| 11 | ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତ ଶିଳ୍ପ | 132.18 | 139.72 | 137.10 | 155.82 | 147.70 | 712.52 |
| 12 | ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | 85.72 | 102.24 | 149.11 | 157.09 | 151.42 | 645.58 |
| | **ମୋଟ** | **19,258.70** | **21,388.21** | **22,333.77** | **22,517.97** | **25,693.84** | **1,11,192.49** |
| | **ଓଡ଼ିଶା ସରକାରଙ୍କ ସମୁଦାୟ ବ୍ୟୟ** | **72,794.00** | **79,618.43** | **88,325.00** | **1,04,097.94** | **1,14,491.00** | **4,59,326.37** |
| | **ମୋଟ ବ୍ୟୟ ମଧ୍ୟରୁ ଆର୍ଥିକ କ୍ଷେତ୍ର ବ୍ୟୟର ପ୍ରତିଶତ** | **26.46** | **26.86** | **25.29** | **21.63** | **22.44** | **24.21** |

## 1.4 ସମୀକ୍ଷାର ପ୍ରାଧିକାର

ଭାରତୀୟ ସମ୍ବିଧାନର ଧାରା 149 ଏବଂ 151 ଦ୍ୱାରା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକଙ୍କ କର୍ତ୍ତବ୍ୟ, କ୍ଷମତା ଏବଂ ସେବା ସର୍ତ୍ତାବଳୀ ଅଧିନିୟମ, (ସିଏଜି ଡିପିସି ଅଧିନିୟମ) 1971 ରେ ସିଏଜିଙ୍କୁ ସମୀକ୍ଷା କରିବା ପ୍ରାଧିକାର ଦିଆଯାଇଅଛି । ଉକ୍ତ ଅଧିନିୟମ 1971 ର ପରିଚ୍ଛେଦ[1] 13 ଅନୁଯାୟୀ ସିଏଜି, ଓଡିଶା ସରକାରଙ୍କର ବିଭାଗଗୁଡିକର ବ୍ୟୟର ସମୀକ୍ଷା କରନ୍ତି । ଆହୁରି ମଧ ରାଜ୍ୟ ସରକାରଙ୍କ ଦ୍ୱାରା ଯଥେଷ୍ଟ ପାଣ୍ଠି ଦିଆଯାଇଥିବା ସ୍ୱୟଂ ଶାସିତ ସଂସ୍ଥାଗୁଡିକର ସମୀକ୍ଷା ସିଏଜି କରିଥାନ୍ତି । ସିଏଜିଙ୍କ ଦ୍ୱାରା ଜାରୀ କରାଯାଇଥିବା ଲେଖା ଓ ଲେଖା ପରୀକ୍ଷା ନିୟମାବଳୀ 2020 ରେ ସମୀକ୍ଷା ମାନଦଣ୍ଡ ଏବଂ ବିଭିନ୍ନ ପ୍ରକାରର ସମୀକ୍ଷା ପାଇଁ ନୀତି ଓ ପଦ୍ଧତି ବିହିତ କରାଯାଇଅଛି ।

## 1.5 ଯୋଜନା ଓ ସମୀକ୍ଷା ସଞ୍ଚାଳନ

ବିଭାଗ / ସଙ୍ଗଠନ ଏବଂ ଏହାର ପ୍ରତ୍ୟେକ ଶାଖାର ଶଙ୍କାଭୟର ଆକଳନ କରାଯାଇ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହୋଇଥାଏ । କରାଯାଇଥିବା ଅର୍ଥବ୍ୟୟ, ସଂକଟାପନ୍ନ / ଜଟିଳ କାର୍ଯ୍ୟାବଳୀ ଏବଂ ଆର୍ଥିକ କ୍ଷମତା ଅର୍ପଣର ସ୍ତର ଏବଂ ଆଭ୍ୟନ୍ତରୀଣ ନିୟନ୍ତ୍ରଣର ଆକଳନ ଭିତ୍ତିରେ ନିର୍ଦ୍ଧାରଣ କରାଯାଇଥାଏ । ଏହି ପ୍ରକ୍ରିୟାରେ ଆବଶ୍ୟକ ସ୍ଥଳେ ପୂର୍ବ ସମୀକ୍ଷା ସିଦ୍ଧାନ୍ତମାନଙ୍କୁ ମଧ ବିଚାର କରାଯାଇଥାଏ । ଶଙ୍କାଭୟ ନିର୍ଦ୍ଧାରଣ ଉପରେ ଆଧାର କରି ସମୀକ୍ଷାର ପୌନଃପୁନିକତା ଏବଂ ମାତ୍ରା ନିଶ୍ଚିତ କରାଯାଇଥାଏ । ଏହି ଶଙ୍କାଭୟ ନିର୍ଦ୍ଧାରଣ ଆଧାରରେ ସମୀକ୍ଷା ସଞ୍ଚାଳନ କରିବା ପାଇଁ ବାର୍ଷିକ ସମୀକ୍ଷା ଯୋଜନା ବ୍ୟବସ୍ଥିତ କରାଯାଏ ।

---

[1] (i) ରାଜ୍ୟ ଏକତ୍ରୀକୃତ ପାଣ୍ଠିରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା (ii) ରାଜ୍ୟ ଆକସ୍ମିକ ପାଣ୍ଠି ଓ ସରକାରୀ ହିସାବରୁ ହୋଇଥିବା ସମସ୍ତ ବ୍ୟୟର ସମୀକ୍ଷା ଏବଂ (iii) ସମସ୍ତ ନେଣଦେଣ, ଆୟ ଓ ବ୍ୟୟ ହିସାବ, ବାଲାନ୍ସ ସିଟ୍ ଓ ଅନ୍ୟାନ୍ୟ ସହକାରୀ ହିସାବ ।

ପ୍ରତ୍ୟେକ ୟୁନିଟର ସମୀକ୍ଷା ଶେଷ ହେବା ପରେ ସେହି ସଂସ୍ଥାମାନଙ୍କର ମୁଖ୍ୟଙ୍କୁ ସମୀକ୍ଷା ସିଦ୍ଧାନ୍ତକୁ ନେଇ ହୋଇଥିବା ନିରୀକ୍ଷଣ ପ୍ରତିବେଦନ ଜାରି କରାଯାଇଥାଏ । ନିରୀକ୍ଷଣ ପ୍ରତିବେଦନ ପାଇବାର ଏକ ମାସ ମଧ୍ୟରେ ସମୀକ୍ଷା ସିଦ୍ଧାନ୍ତର ଉତ୍ତର ଦେବା ପାଇଁ ସଂସ୍ଥାମାନଙ୍କୁ ଅନୁରୋଧ କରାଯାଇଥାଏ । ଉତ୍ତର ମିଳିବା ପରେ ସମୀକ୍ଷା ସିଦ୍ଧାନ୍ତର ମୀମାଂସା ହୋଇଥାଏ ଅଥବା ଅନୁପାଳନ ନିମିତ୍ତ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଉପଦେଶ ଦିଆଯାଇଥାଏ । ନିରୀକ୍ଷଣ/ କାର୍ଯ୍ୟ ସମ୍ପାଦନ ସମୀକ୍ଷାର ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଅବଲୋକନ ଗୁଡ଼ିକୁ ଯାଞ୍ଚ କରିବା ପରେ ସମୀକ୍ଷା ପ୍ରତିବେଦନରେ ଅନ୍ତର୍ଭୁକ୍ତ କରାଯାଇଥାଏ ।ଏହା ଭାରତୀୟ ସମ୍ବିଧାନର ଧାରା 151 ଅନୁଯାୟୀ ଓଡ଼ିଶାର ରାଜ୍ୟପାଳଙ୍କୁ ପ୍ରେରଣ କରାଯାଏ ।

## 1.6 ସମୀକ୍ଷା ପ୍ରତି ପ୍ରତିକ୍ରିୟା

ନିରୀକ୍ଷଣ ପ୍ରତିବେଦନ ଗୁଡ଼ିକର ସମୀକ୍ଷାରୁ ଜଣାଯାଏ ଯେ ମାର୍ଚ୍ଚ 2020 ସୁଦ୍ଧା 12 ଟି ବିଭାଗକୁ ଜାରୀ ହୋଇଥିବା 3,473 ଟି ନିରୀକ୍ଷଣ ପ୍ରତିବେଦନର 12,530 ଟି ଅନୁଚ୍ଛେଦ ଜୁନ 2020 ଶେଷ ସୁଦ୍ଧା ବାକିଆ ରହିଥିଲା । ସେଥି ମଧ୍ୟରୁ 1,328 ନିରୀକ୍ଷଣ ପ୍ରତିବେଦନର 3,050 ଟି ଅନୁଚ୍ଛେଦ 10 ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ବାକିଆ ରହିଥିଲା । ଏପରିକି କାର୍ଯ୍ୟାଳୟ ମୁଖ୍ୟମାନଙ୍କ ଠାରୁ ପ୍ରଥମ ଉତ୍ତର ଯାହାକି ଏକ ମାସ ମଧ୍ୟରେ ପ୍ରଦାନ କରାଯିବା କଥା, ଜାରି ହୋଇଥିବା 1,222 ଟି ନିରୀକ୍ଷଣ ପ୍ରତିବେଦନ ସମ୍ବନ୍ଧିତ ଉତ୍ତର ମାର୍ଚ୍ଚ 2020 ସୁଦ୍ଧା ପ୍ରାପ୍ତ ହୋଇନଥିଲା, ଯଦିଓ ଆପେକ୍ସ କମିଟି ବୈଠକ ଏବଂ ବିଭାଗୀୟ ତଦାରଖ କମିଟି ବୈଠକରେ ଏ ବିଷୟରେ ଅବଗତ କରାଯାଇଥିଲା ।